# Akashvani, Sambalpur

## SAMBALPURI NEWS BULLETIN

### 4 December 2024- 6.47- 6.52 am.

*********************************************

ରାଷ୍ଟ୍ରପତି- ପୁରୀଗସ୍ତ        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ପୁରୀ ଗସ୍ତଥି ଯିବେ । ଭୁବନେଶ୍ୱର୍‌ନୁ ବିମାନ୍‌ଥି ଯାଇକରି ତାଳବଣିଆ ହେଲିପେଡ୍ ନ ଉତ୍‌ରିବେ । ଇତାର୍‌ଉତ୍‌ରୁ ରାଷ୍ଟ୍ରପତି ସିଧା ଶ୍ରୀମନ୍ଦିର୍ ଯାଇକରି ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବେ । ପଛେ ଗୋପବନ୍ଧୁ ଆର୍ଯ୍ୟୁବେଦ୍ ମହାବିଦ୍ୟାଳୟର୍ ୭୫ ନମ୍ବର୍ ବାର୍ଷିକ ଉତ୍ସବ୍‌ଥି ଯୋଗ୍ ଦେବେ । ଇ କାର୍ଯ୍ୟକ୍ରମ୍ ସାରିକରି ରାଷ୍ଟ୍ରପତି ପୁରୀ ରାଜ୍‌ଭବନ୍‌କେ ଯାଇକରି ବିଶ୍ରାମ ନେବେ । ସେନ୍ତା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉପର୍‌ବେଲା ବ୍ଲୁ ଫ୍ଲାଗ୍ ବେଳାଭୂମିକେ ଯାଇକରି ନୌସେନା ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ରାଷ୍ଟ୍ରପତି ସେନ ନୌସେନାର ସମରାଭ୍ୟାସ ଡ୍ରିଲ୍ ଦେଖିବାର୍ କାର୍ଯ୍ୟସୂଚୀ ରହିଛେ । ଇ କାର୍ଯ୍ୟକ୍ରମ୍ ସର୍‌ବାର୍ ଉତ୍‌ରୁ ପୁରୀ ରାଜ୍‌ଭବନ୍ ନ ରାତି ରହିକରି ରାଷ୍ଟ୍ରପତି ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଫିର୍‌ବେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିଥିଲେ । ରାଷ୍ଟ୍ରପତି ଆଏବା ୭ ତାରିଖ୍‌ତକ୍ ଓଡ଼ିଶା ନ ରହିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ନୌସେନା ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଭାରତ୍‌ର ନୌସେନା ଦିବସ୍ । ଫି ବଛର୍ ଆଝିର୍ ଦିନ୍‌କେ ନୌସେନାର୍ ସମୃଦ୍ଧି, ପରାକାଷ୍ଠା ଆର୍ ଶକ୍ତିକେ ନେଇକରି ଇ ଦିବସ୍ ପାଲନ୍ କରାଯାଏସି । ଭାରତ୍- ପାକିସ୍ତାନ୍ ଯୁଦ୍ଧ ସମିଆଥି ୧୯୭୧ ମସିହା ନ ଭାରତୀୟ ନୌସେନା ସଫଲ୍ ହେଇଥିଲା । ଇତାକେ ସୋର୍ କରିକରି ଇ ଦିବସ୍ ପାଲନ୍ କରାଯାଏସି ।

ନୌସେନା ଦିବସ୍ ଅବ୍‌ସରେ ପୁରୀ ବ୍ଲୁଫ୍ଲାଗ୍ ବିଚ୍ ନ ଆଏଜ୍ ନୌସେନାର ସମରାଭ୍ୟାସ ଅନୁଷ୍ଠିତ ହେବା । ରାଷ୍ଟ୍ରପତିଙ୍କର୍ ସହେତେ ୭ ହଜାର୍ ୫ ଶହ ନିମନ୍ତ୍ରିତ ଅତିଥି ଇ ସମାରୋହଥି ଉପସ୍ଥିତ୍ ରହେବେ । ଇତାର୍‌ସହେତେ ସାଧାରଣ ଲୁକ୍‌କର୍ ଲାଗି ଭିଲ୍ ବେଲାଭୂମି ନ ଦେଖ୍‌ବାର୍ ବ୍ୟବସ୍ଥା କରାଯାଇଛେ । ପୁରୀ

ସମୁଦ୍ର ଆଉ ବେଲାଭୂମି ନ ୪ ଟା ଟେଙ୍କ୍, ୧୫ ଟା ଯୁଦ୍ଧ ଜାହାଜ, ୩୦ ଟା ଯୁଦ୍ଧ ହେଲିକେପ୍ଟର୍, ୫ ଟା ଯୁଦ୍ଧ ବିମାନ, ୫ ଟା ଜେଟ୍ ନୌସେନା ସେମାନ୍କର୍ ଯୁଦ୍ଧ କୌଶଲ୍ ପ୍ରଦର୍ଶନ୍ କର୍‌ବେ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ଆଏବା ଜାନୁଆରୀ ୮ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ଆୟୋଜନ୍ କରାଯାଉଛେ । ଇ କାର୍ଯ୍ୟକ୍ରମ୍‌ର ତୟାରିକେ ନେଇକରି ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି କାର୍ଯ୍ୟକ୍ରମ୍‌କେ ନେଇକରି ଭିନ୍ ଭିନ୍ ଦିଗେ ଆଲୋଚନା କରାଯାଇଥିଲା । ଇ ସମ୍ମିଲନୀଥି ଅତିଥି ଭାବେ ପ୍ରବାସୀ ଭାରତୀୟ ଆଉ ବୈଦେଶିକା ବ୍ୟାପାର୍ ବିଭାଗ୍ ଅଧିକାରୀମାନେ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌କେ ଠିକ୍ ଭାବେ ଆୟୋଜନ୍ କର୍‌ବାର୍ ଲାଗି ୧୪ ଟା ଉପକମିଟି ଗଠନ୍ କରାଯାଇଛେ । ଇତାର୍‌ସହେତେ ପ୍ରବାସୀ ଭାରତୀୟମାନେ ଓଡ଼ିଶାର୍ ଭିନ୍ ଭିନ୍ ଦର୍ଶନୀୟ ଜାଗା ବୁଲ୍‌ବେ ।

ଉପମୁଖ୍ୟମନ୍ତ୍ରୀ- ସମୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଜଳବିଦ୍ୟୁତ୍ ପ୍ରକଳ୍ପକେ ନେଇକରି ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ରାଏଜେ ଚାଲିଥିବା କଲାହାଣ୍ଡି ଜିଲ୍ଲାର୍ ଇନ୍ଦ୍ରାବତୀ ପ୍ରକଳ୍ପ , କୋରାପୁଟ୍‌ର କୋଲାବ୍ ପ୍ରକଳ୍ପ, ମାଲ୍‌କାନ୍‌ଗିରିର ବାଲିମେଳା ପ୍ରକଳ୍ପ ଆର୍ କନ୍ଧମାଲ୍‌ର ଖଡ଼ଗ ଜଳ ବିଦ୍ୟୁତ୍ ପ୍ରକଳ୍ପର୍ ଅଗ୍ରଗତି ବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଛେ । ଇ ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏସ୍‌ପି ପ୍ରକଳ୍ପ ଜରିଏ ବିଦ୍ୟୁତ୍ ଉତ୍ପାଦନ୍‌କେ ପ୍ରାଧାନ୍ୟ ଦେଉଛନ୍ । ଇଥିର୍‌ଲାଗି ଜଳବାୟୁ ଆଉ ପରିବେଶ୍‌ର ସ୍ୱଚ୍ଛତା ବଜାୟ ରହେବାର୍ ସହେତେ ଓଡ଼ିଶାର୍ ପ୍ରାକୃତିକ ସମ୍ପଦ୍‌କେ ବେଭାର୍ କରିକରି ସ୍ଥାନୀୟ ଇଲାକାର୍ ବିଜ୍‌ଲି ଚାହିଦା ଦୂର୍ କରିହେବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଖେଲ୍‌କେ ତହଁକାବାର୍ ଲାଗି ଏତ୍‌କେ ଫି’ ପଂଚାୟତ୍ ନ ଖେଲ୍ ପଡ଼ିଆ ରହେବା । ଫି’ ପଂଚାୟତ୍ ନ ଆଦର୍ଶ ପୁଷ୍କିରିଣୀ କରାଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ପଂଚାୟତିରାଜ୍ ଆର ପାନୀୟଜଳ ବିଭାଗ୍‌ର ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରିକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ଯେ, ପଂଚୟତ୍ ନ ରାସ୍ତା କାମ୍ ଲାଗି ୭ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ଗଲାକାଏଲ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ଡିସେମ୍ବର୍ ୧ ତାରିଖ୍‌ନୁ ୩ ଦିନ୍ ଧରିକରି ଚାଲିଥିବା ସମାରୋହ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବରିଷ୍ଠ ନାଗରିକ୍‌ମାନ୍‌କର୍ ଲାଗି ସ୍ୱତନ୍ତ୍ର ସହାୟତା ନମ୍ବର୍ ୧୪୫୬୭ ଘୋଷ୍‌ନା କରିଛନ୍ । ବରିଷ୍ଠ ନାଗରିକ୍‌ମାନ୍‌କୁ ସୂଚ୍‌ନା ଦେବାର୍

ଆର୍ ସବୁପ୍ରକାର୍ ସମସ୍ୟାର୍ ସମାଧାନ ଲାଗି ଇ ନମ୍ବର୍‌ର ବ୍ୟବସ୍ଥା କରାଯାଇଛେ ।

ଏସ୍‌ଡିପିଓ ନିଯୁକ୍ତି ଆର୍‌ଏନ୍‌ୟୁ /ସମ୍ବଲପୁର

୪ ଝନ୍ ଓଡ଼ିଶା କେଡ଼ର୍ ନୂଆଁକରି ନିଯୁକ୍ତି ପାଇଥିବା ଆଇପିଏସ୍ ଅଧିକାରୀଙ୍କୁ ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛେ । କନ୍ଧମାଲ୍ ଜିଲ୍ଲା ବାଲିଗୁଡ଼ା ଏସ୍‌ଡିପିଓ ଭାବେ ରାମେନ୍ଦ୍ର ପ୍ରସାଦ୍, ସୁନ୍ଦର୍‌ଗଡ଼୍ ବଣାଇ ଏସ୍‌ଡିପିଓ ଭାବେ ସୋନାଲ୍ ସିଂ ପର୍‌ମାର୍, କଳାହାଣ୍ଡି ସଦର୍ ଏସ୍‌ଡିପିଓ ଭାବେ ମାନି ଆଜିଙ୍କ୍ୟ ବାବୁରାଓ ଆର୍ ବର୍‌ଗଡ଼୍ ପଦମ୍‌ପୁର୍ ଏସ୍‌ଡିପିଓ ଭାବେ ୨୦୨୧ ବେଚ୍‌ର ଅମିତ୍ରା ପାଲ୍ କୌରଙ୍କୁ ଦାୟିତ୍ୱ ଦିଆଯାଇଛେ ।

ସମ୍ବଲପୁର୍ ଚିଡ଼ିଆଖାନା-ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍ ଚିଡ଼ିଆଖାନା ଆଉ ସଂରକ୍ଷଣ୍ ନ ୧୭ ପ୍ରଜାତିର୍ ୨ ଶହ ୩୯ ଟା ବନ୍ୟପ୍ରାଣୀ ଅଛନ୍ ବୋଲି ଜଙ୍ଗଲ୍, ପରିବେଶ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ

କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ନନ୍ଦକାନନ୍ ପ୍ରାଣୀ ଉଦ୍ୟାନ୍ ନ ଶହେ ୬୮ ପ୍ରଜାତିର ୪ ହଜାର୍ ୨ ଶହ ୪୩ ଟା ବନ୍ୟପ୍ରାଣୀ ଅଛନ୍ । ସେନ୍ତା କପିଳାସ ହରିଣ ପାର୍କଥି ୨୨ ଟା ପ୍ରଜାତିର୍ ୩ ଶହ ୬୩ ଟା ବନ୍ୟପ୍ରାଣୀ ଥିବାର୍ ମନ୍ତ୍ରୀ କହିଛନ୍ ।

ଭାରତୀୟ ଭାଷା ଉତ୍ସବ ଆର୍‌ଏନ୍‌ୟୁ /ସମ୍ବଲପୁର

ମହାକବି ସୁଭ୍ରମଣ୍ୟମ୍ ଭାରତୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ରାଜ୍ୟର୍ ସବୁ ସ୍କୁଲ୍ ନ ଭାରତୀୟ ଭାଷା ଉତ୍ସବ୍ ପାଲନ୍ ହେବା । ଆଏଜ୍‌ଠାନୁ ଆଏବା ୧୧ ତାରିଖ୍‌ତକ୍ ଇ ଉତ୍ସବ୍ ପାଲନ୍ କରାଯିବା । ଇ ବଛର୍ ବିଷୟ ହେଉଛେ ‘ଭାଷା ମାଧ୍ୟମରେ ଏକତା’ । ଇ ବାବ୍‌ଦେ ଓଡ଼ିଶା ବିଦ୍ୟାଳୟ, ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପାକେ ତର୍‌ଫୁ ରାଜ୍ୟର୍ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛେ । ଇ ଉତ୍ସବ୍ ସବୁ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନ ଭିଲ୍ କରାଯିବା ।